# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16 July – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

— ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ରାଜ୍ୟ କ୍ୟାବିନେଟ୍ ବୈଠକ

- ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ବୈଠକରେ ଆଲୋଚନା

- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ପଞ୍ଜୀକରଣ

ଏବଂ

- ରାଜ୍ୟର ୪ଟି ଜୋନ୍‌ରେ ଆରମ୍ଭ ହେଲା ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାକୁ ମଞ୍ଜୁରୀ ମିଳିଛି । ଏହି ଯୋଜନା ଚଳିତ ଆର୍ଥିକବର୍ଷଠାରୁ ଆସନ୍ତା ୬ ବର୍ଷ ପାଇଁ କାର୍ଯ୍ୟକାରୀ ହେବ । ଏଥିରେ ଦେଶର ୧୦୦ଟି ଜିଲ୍ଲାକୁ ସାମିଲ କରାଯିବ । ଏ ସମ୍ପର୍କରେ ଅଧିକ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ **ଅଶ୍ୱିନୀ ବୈଷ୍ଣବ** କହିଛନ୍ତି.....

## - V/O –

## କ୍ୟାବିନେଟ୍-ରାଜ୍ୟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ବୈଠକ ଜାରି ରହିଛି । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ହେବା ସହ ବିଭିନ୍ନ ପ୍ରସ୍ତାବକୁ ମଞ୍ଜୁରୀ ମିଳିବା ସମ୍ଭାବନା ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# ସ୍ୱଚ୍ଛ ସର୍ବେକ୍ଷଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀରେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ପ୍ରଦାନ କରିବେ । କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନ–ସହରାଞ୍ଚଳକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସ୍ୱଚ୍ଛ ସହରଗୁଡ଼ିକୁ ସମ୍ମାନିତ କରାଯିବ । ଚାରୋଟି ବର୍ଗରେ ଏହି ପୁରସ୍କାର ପ୍ରଦାନ

କରାଯିବ। ସେଗୁଡ଼ିକ ମଧ୍ୟରେ ସୁପର ସ୍ୱଚ୍ଛ ଲିଗ୍ ସହର ଏବଂ ଜନସଂଖ୍ୟା ଆଧାରରେ ତିନୋଟି ଶୀର୍ଷ ସ୍ୱଚ୍ଛ ସହରକୁ ପୁରସ୍କାର ପ୍ରଦାନ କରାଯିବ। ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁସାରେ, ଚଳିତ ବର୍ଷ ମୋଟ୍ ୭୮ଟି ପୁରସ୍କାର ପ୍ରଦାନ କରାଯିବ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ସହରାଞ୍ଚଳ ପରିମଳ ଏବଂ ସେବା ପ୍ରଦାନ ମୂଲ୍ୟାଙ୍କନ ପାଇଁ ଏକ ସ୍ମାର୍ଟ ପଦ୍ଧତି ଗ୍ରହଣ କରାଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସର୍ବଭାରତୀୟ ସ୍ତରରେ ଗଞ୍ଜାମ ଜିଲ୍ଲାର ଆସକା ଏନ୍‌ଏସି ସ୍ୱଚ୍ଛ ସହର ରୂପେ ଶୀର୍ଷ ସ୍ଥାନ ହାସଲ କରିଛି।

## ଉତ୍ତମ ପ୍ରଶାସନିକ ଅଭ୍ୟାସ

କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗ ଏବଂ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତାକାଲିଠାରୁ ଦୁଇଦିନ ଧରି 'ଉତ୍ତମ ପ୍ରଶାସନିକ ଅଭ୍ୟାସ' ବିଷୟବସ୍ତୁ ଉପରେ ଜାତୀୟ ସମ୍ମିଳନୀ ଆରମ୍ଭ ହେବ। କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମିଳିତଭାବେ ଏହି ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ଉତ୍କର୍ଷତା ପୁରସ୍କାର ଦ୍ୱାରା ସ୍ୱୀକୃତି ପାଇଥିବା ବିଭିନ୍ନ ପ୍ରୟାସଗୁଡ଼ିକୁ ଏଠାରେ ଉପସ୍ଥାପନ କରିବା ଏବଂ ମାନ୍ୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀର ଆୟୋଜନ କରାଯାଉଛି। ସମଗ୍ର ଦେଶରୁ ୨ ଶହରୁ ଅଧିକ ପ୍ରତିନିଧି ଯୋଗଦେବେ ବୋଲି ଜଣାପଡିଛି।

## ରେଳ ପ୍ରକଳ୍ପ

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଯୋଜନା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ମେଟ୍ରୋ ପ୍ରକଳ୍ପର କାର୍ଯ୍ୟକାରିତା ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଛି। ଏହାସହ ସାର୍ବଜନୀନ ପରିବହନ ବ୍ୟବସ୍ଥା, ସୁଗମ ଟ୍ରାଫିକ୍ ପରିଚାଳନା ନିମନ୍ତେ ଯୋଜନା, ରେଳ-ସଡକ ପରିବର୍ତ୍ତନ ପଥ ସମ୍ପର୍କରେ ମଧ୍ୟ ଦିଲ୍ଲୀ ମେଟ୍ରୋ ରେଳ ନିଗମର ସିଇଓଙ୍କ ସହ ଆଲୋଚନା ହୋଇଛି।

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଆସନ୍ତା ୨୧ ତାରିଖ ସୋମବାର ଦିନ ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

## ତୀର୍ଥଯାତ୍ରୀ ଯୋଜନା

ଚଳିତବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ବରିଷ୍ଠ ନାଗରିକମାନେ ଆସନ୍ତାକାଲିଠାରୁ ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିବେ। ଏ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ତୀର୍ଥଯାତ୍ରା ଯୋଜନାର ଲାଭ ନେବା ପାଇଁ ଯୋଗ୍ୟ ହିତାଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜାରି ହୋଇଥିବା ୱେବ୍‌ସାଇଟ୍ ***yatra.odisha.gov.in***ରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ

କରାଯାଇପାରିବ । ଏଥିପାଇଁ ଆଗ୍ରହୀ ବ୍ୟକ୍ତି ଅଫ୍‌ଲାଇନ୍ ମାଧ୍ୟମରେ ଉଭୟ ବ୍ଲକ୍ ଓ ଜିଲ୍ଲା ପ୍ରଶାସନର କାର୍ଯ୍ୟାଳୟରେ ମଧ୍ୟ ଆବେଦନ କରିପାରିବେ । ସୂଚନା ଅନୁସାରେ, ଏହି ଯୋଜନାରେ ବିଭିନ୍ନ ଜିଲ୍ଲାରୁ ୩୭ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ୪୦ଟି ପର୍ଯ୍ୟାୟରେ ବିଭିନ୍ନ ତୀର୍ଥସ୍ଥଳି ଭ୍ରମଣ କରିବାର ସୁଯୋଗ ପାଇଛନ୍ତି ।

## ଦଳାଚକଟା–ସାକ୍ଷ୍ୟ

**ପୁରୀ** ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଗତମାସ ୨୯ ତାରିଖରେ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ଜାରି ରହିଛି । ଏହି ତଦନ୍ତ ପ୍ରକ୍ରିୟାରେ ଆଜି ସୁଦ୍ଧା ମୋଟ୍ ୧୪୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି । ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ....

*ଦଳାଚକଟା ଘଟଣାର ତଦନ୍ତ କରୁଥିବା ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ଆଜି ମଧ୍ୟ ପୁରୀରେ ସାକ୍ଷ୍ୟ ଗ୍ରହଣ କରିଛନ୍ତି । ଘଟଣା ଦିନ ଦାୟିତ୍ୱରେ ଥିବା ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କ ସମେତ ଇଣ୍ଟିଗ୍ରେଟେଡ୍ ପୁଲିସ୍ କଣ୍ଟ୍ରୋଲ ରୁମ୍‌ର ଦାୟିତ୍ୱରେ ଥିବା ପୁଲିସ୍ ଅଧିକାରୀମାନଙ୍କଠାରୁ ଆଜି ସାକ୍ଷ୍ୟ ଗ୍ରହଣ କରାଯାଇଛି । ଏହି ଘଟଣାରେ ନିଲମ୍ବିତ ଦୁଇ ପୁଲିସ୍ ଅଧିକାରୀ ମଧ୍ୟ କମିଶନଙ୍କ ନିକଟରେ ନିଜର ସାକ୍ଷ୍ୟ ଓ ତଥ୍ୟ ପ୍ରଦାନ କରିଛନ୍ତି । ବର୍ତ୍ତମାନ ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ଯୋଗୁଁ ଘଟଣାର କାରଣ ସମ୍ପର୍କରେ କହିବା ସମ୍ଭବପର ନୁହେଁ ବୋଲି ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି । ଏହି*

*ଘଟଣାରେ ରାଜ୍ୟ ସରକାର ଏକ ୪ ଜଣିଆ ଯାଞ୍ଚ କମିଟି ମଧ୍ୟ ଗଠନ କରିଛନ୍ତି ।*

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ **ଜିତେନ୍ଦ୍ର କୁମାର ନାଏକ**

## ବନକଲାଗି ନୀତି

ଶ୍ରାବଣ କୃଷ୍ଣ ସପ୍ତମୀ ତିଥିରେ ଆସନ୍ତାକାଲି ଗୁରୁବାର ଦିନ ପୁରୀ ଶ୍ରୀମନ୍ଦିରର ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଦ୍ୱିପହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ମହାପ୍ରଭୁଙ୍କର ବନକଲାଗି ନୀତି ଏକ ଅତ୍ୟନ୍ତ ଗୁପ୍ତ ନୀତି ହୋଇଥିବାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ ।

## ବାଲେଶ୍ୱର ବନ୍ଦ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଭୁବନେଶ୍ୱର ଲୋକସେବା ଭବନ ସମ୍ମୁଖରେ ବିଜୁ ଜନତା ଦଳ-ବିଜେଡ଼ି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।  ସେହିଭଳି ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ କରାଯାଇଥିଲା ।

## ପିଏମ୍ ଆବାସ

**ନୂଆପଡା** ଜିଲ୍ଲା ଖରିଆର ରୋଡ ଏନ୍ଏସିରେ ବାସହୀନ ହିତାଧିକାରୀଙ୍କୁ ପକ୍କା ଘରପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର

କାର୍ଯ୍ୟାଦେଶ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ଡକ୍ଟର ସୋନିଆ ଜୈନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

## ରାଜସ୍ୱ ସମୀକ୍ଷା ବୈଠକ

**ଦେବଗଡ଼** ଠାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଗତମାସରେ ଧାର୍ଯ୍ୟ ଥିବା ଭୂ-ରାଜସ୍ୱ ରୟାଲଟି, ଜଳକର, ବସୁନ୍ଧରା, ସ୍କୁଲ-କଲେଜ ପଟ୍ଟା ଆଦି ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଥିଲା।

## ଜନସଂଖ୍ୟା ଦିବସ

**କେନ୍ଦ୍ରାପଡ଼ା** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ଜନସଂଖ୍ୟା ପକ୍ଷ ପାଳନ ଅବସରରେ ବିଶ୍ୱ ଜନସଂଖ୍ୟା ଦିବସ ଅନୁଷ୍ଠିତ ହୋଇଯାଇଛି।

**ଦେବଗଡ଼** ଜିଲ୍ଲାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଜନସଂଖ୍ୟା ଦିବସରେ ଜିଲ୍ଲାରେ ଜନସଂଖ୍ୟା ନିୟନ୍ତ୍ରଣ କରିବା ନେଇ ସୂଚନା ପ୍ରଦାନ କରିଥିଲେ।

## ଚକ୍ରଧର ବେହେରା ଜୟନ୍ତୀ

ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଅବସରରେ ଆଜି ବିଭିନ୍ନ ସ୍ଥାନରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ପୂର୍ବତନ ବିଧାୟକ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ **ଭଦ୍ରକ** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ

ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି ।

## ସାହାଣୀ କପ୍

ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ଫୁଟବଲ୍ ସଂଘ ପକ୍ଷରୁ ଆଜିଠାରୁ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ମୋଟ୍ ୪ଟି ଜୋନ୍ କେନ୍ଦୁଝର, କେନ୍ଦ୍ରାପଡ଼ା, ବୌଦ୍ଧ ଓ ବ୍ରହ୍ମପୁର ଜୋନ୍‌ରେ ବିଭିନ୍ନ ଜିଲ୍ଲା ଦଳ ଅଂଶଗ୍ରହଣ କରୁଛନ୍ତି ।

**ବୌଦ୍ଧ** ଜିଲ୍ଲା ଷ୍ଟାଡିୟମ୍‌ରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୯ଟି ଜିଲ୍ଲା- ବରଗଡ଼, କଳାହାଣ୍ଡି, ଦେବଗଡ଼, ନୟାଗଡ଼, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ ଓ ସମ୍ବଲପୁର ଦଳ ଅଂଶଗ୍ରହଣ କରିଛନ୍ତି । ଦୁଇଟି ଗ୍ରୁପ୍‌ରେ ପ୍ରତିଦିନ ଦୁଇଟି ମ୍ୟାଚ୍ ଖେଳାଯିବ । କ୍ୱାଟର ଫାଇନାଲ ମ୍ୟାଚ୍ ଜୁଲାଇ ୨୫ ତାରିଖରେ ଅନୁଷ୍ଠିତ ହେବ । ଆଜି ପ୍ରଥମ ମ୍ୟାଚ୍‌ରେ କନ୍ଧମାଳ ଓ ସମ୍ବଲପୁର ଟିମ୍ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍ ବୌଦ୍ଧ ଓ ନୂଆପଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ୍‌ରେ ୩-୦ ଗୋଲ୍‌ରେ ସମ୍ବଲପୁର ଦଳ ବିଜୟ ଲାଭ କରିଛି ।

**କେନ୍ଦ୍ରାପଡ଼ା** ଜିଲ୍ଲା ରାଜକନିକାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ଜଗତ୍‌ସିଂହପୁର ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଝାରସୁଗୁଡ଼ା ୨/୧ ଗୋଲ୍‌ରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି । ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ ଭଦ୍ରକ କେନ୍ଦ୍ରାପଡାକୁ ୨/୦ ଗୋଲରେ ହରାଇଛି ।

## ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ  ବର୍ଷା ଲାଗି ରହିଛି। ଅଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୫ଟି ଜିଲ୍ଲାରେ  ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ପ୍ରଭାବ ଲାଗି ରହିବ ଏବଂ ରବିବାରଠାରୁ ବର୍ଷାର ପରିମାଣ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

*********************************